# ତହସିଲଦାରଙ୍କ କାର୍ଯ୍ୟାଳୟ , କେସିଙ୍ଗା , ଜିଲ୍ଲା –କଳାହାଣ୍ଡି ।

## ଫର୍ମ ନଂ . 11

(ନିୟମ 61 ଦ୍ରଷ୍ଟବ୍ୟ)

ବି.ସି.ପି ନଂ ..16/2023...                                                    ପି.ଆର.ନଂ 501/18.05.2023

ସ୍ଥିତ ଗ୍ରାମଗୁଡିକର କିମ୍ବା ନୂତନ ଗ୍ରାମର ଗଠନର ପରିସୀମା ପରିବର୍ତ୍ତନ ନିମନ୍ତେ ଆପତ୍ତି ଆହ୍ୱାନ କରିବା ନିମନ୍ତେ ସୂଚନା /ବିଜ୍ଞପ୍ତି

## ବନ୍ଦୋବସ୍ତ ଅଧିକାରୀଙ୍କ କାର୍ଯ୍ୟାଳୟ

## ନୋଟିସ

ପ୍ରାପ୍ତେଷୁ,

ଭଅଁରମାଳ ଗ୍ରାମ / ପ୍ରସ୍ତାବିତ ନୂତନ ଗ୍ରାମ ପଥର୍ଲା ପଡା

ଏତଦ୍ୱାରା ଉପରୋକ୍ତ ଗ୍ରାମମାନଙ୍କର ସର୍ବସାଧାରଙ୍କ ଅବଗତି ନିମନ୍ତେ ନୋଟିସ କରାଯାଉଅଛି ଯେ , ନିମ୍ନ ଗ୍ରାମର ପରିସୀମାରେ ପରିବର୍ତ୍ତନ କରାଯିବ। ନିମନ୍ତେ ପ୍ରସ୍ତାବିତ କିମ୍ବା କୌଣସି ଗ୍ରାମରେ ଅନ୍ତର୍ଭୁକ୍ତ ହୋଇନଥିବା ନିମ୍ନଲିଖିତ ଜମିକୁ ଦେଇ ଏକ ନୂତନ ଗ୍ରାମ ସେପରି ଭାବେ ଗଠିତ କରାଯିବ , ଯେପରି ନିମ୍ନସୂଚିରେ ସୂଚୀତ କରାଯାଇଛି । ପୁନଶ୍ଚ ଆପଣମାନଙ୍କୁ ଜଣାଇ ଦିଆଯାଉଛି ଯେ , ତା.୦୮.୦୨.୨୦୨୩ରିଖ ଦିନ ରାଜସ୍ୱ ନିରୀକ୍ଷକ , ଶିରୋଳ ଆପଣମାନଙ୍କ ଗ୍ରାମକୁ ଯାଇ ଆପଣମାନଙ୍କର ଉପସ୍ଥିତିରେ ମୂଳ ଗ୍ରାମ ଭଅଁରମାଳ ଓ ପ୍ରସ୍ତାବିତ ନୂତନ ଗ୍ରାମ ପଥର୍ଲା ପଡା ର ପରିସୀମା (Boundary) ନିମ୍ନସୂଚିରେ ଦର୍ଶାଯାଇଥିବା ପ୍ଲଟ ଅନୁସାରେ ନିର୍ଦ୍ଧାରଣ କରିଥିଲେ ଓ ଆପଣମାନଙ୍କୁ ସରଜମିନରେ ମଧ୍ୟ ଦେଖାଇ ଦେଇଥିଲେ । ଏଥିସହ ନିମ୍ନସୂଚିତ ପ୍ଲଟ ଅନୁସାରେ ଦୁଇଟି ଗ୍ରାମର ପରିସୀମର ଏକ ଚିହ୍ନଟ କରି ମୌଜାର ଏକ ଟ୍ରେସ ନକସା ଆପଣମାନଙ୍କର ସ୍ପଷ୍ଟତା ପାଇଁ ସଂଲଗ୍ନ କରାଗଲା । ମୌଜା ଭଅଁରମାଳ , ଥାନା ନଂ .୮୪, ଜି. କଳାହାଣ୍ଡି କୁ ଭାଗକରି ପଲ୍ଲୀ ଗ୍ରାମ (Hamlet) ପଥର୍ଲା ପଡା କୁ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ପ୍ରସ୍ତାବ ହୋଇଅଛି ।

ଉପରୋକ୍ତ ମୌଜା କିମ୍ବା ଭୂ ଭାଗ ଉପରେ ସ୍ୱାର୍ଥ ଦାବି କରୁଥିବା କୌଣସି ବ୍ୟକ୍ତି ଉକ୍ତ ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର ) ଦିନ ମଧ୍ୟରେ କାରଣ ସହ ଉପରୋକ୍ତ ପ୍ରସ୍ତାବ ବିରୁଦ୍ଧରେ କୌଣସି ଅଭିଯୋଗ କିମ୍ବା ମତାମତ ଥିଲେ ନିମ୍ନସ୍ୱାକ୍ଷରୀଙ୍କ ଅଦାଲତରେ ଅଭିଯୋଗ ପତ୍ର ଦାଖଲ କରିବା ହେବେ ।

ମୂଳ ଗ୍ରାମ ଭଅଁରମାଳ ଓ ନୂତନ ପ୍ରସ୍ତାବିତ ଗ୍ରାମ ପଥର୍ଲା ପଡା ର ସୀମାରେଖାରେ ଥିବା ପଥର୍ଲା ପଡା ଗ୍ରାମର ଅଂଶରେ ଆସୁଥିବା ପ୍ଲଟ ନଂ:243,241,240,299,298,296,295,1076,1089,1094,1095,1096,1097,1098,767,770,772,773,774,775,776, 777,1394,1395,1589,1396,1398,1399,1409,1410,1416,1421,1422,1392,1374,1375,1376,1377।

ସେଟଲମେଣ୍ଟ ଅଫିସର / କଲେକ୍ଟର

ଓଡିଶା ସର୍ଭେ ଓ ବନ୍ଦୋବସ୍ତ ନିୟମାବଳୀ

1962 ର ନିୟମ 61(3) ଅନୁଯାୟୀ କ୍ଷମତା ପ୍ରାପ୍ତ ଅଫିସର

Scanned with OKEN Scanner

ପରିପତ୍ର ସଂଖ୍ୟା 1312 ତା. 18/05/2023

ଏହାର ଏକାକିତା ନକଲ , ଜିଲ୍ଲାପାଳ, କଳାହାଣ୍ଡିଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

ତହସିଲଦାର, କେସିଙ୍ଗା ତଥା
ଓଡିଶା ସର୍ଭେ ଓ ବନ୍ଦୋବସ୍ତ ନିୟମାବଳୀ
1962 ର ନିୟମ 61(3) ଅନୁଯାୟୀ କ୍ଷମତା ପ୍ରାପ୍ତ ଅଫିସର

ପରିପତ୍ର ସଂଖ୍ୟା 1313 ତା. 18/05/2023

ଏହାର ଏକାକିତା ନକଲ , ସରପଞ୍ଚ , ଗ୍ରା .ପ କାର୍ଯ୍ୟାଳୟ ପରଳସିଙ୍ଗା। / ରାଜସ୍ୱ ନିରୀକ୍ଷକ ଶିରୋଳ  ଅବଗତି ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର, କେସିଙ୍ଗା ତଥା
ଓଡିଶା ସର୍ଭେ ଓ ବନ୍ଦୋବସ୍ତ ନିୟମାବଳୀ
1962 ର ନିୟମ 61(3) ଅନୁଯାୟୀ କ୍ଷମତା ପ୍ରାପ୍ତ ଅଫିସର

Scanned with OKEN Scanner